ସମ୍ବାଦ

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଖୋଲିବ ନୂଆ ପାଠ୍ୟକ୍ରମ

# ଆସନ୍ତା ଶିକ୍ଷାବର୍ଷରୁ ପଢ଼ାଯିବ କୃଷି ବିଜ୍ଞାନ ଓ ଜଙ୍ଗଲ ପରିଚାଳନା

କୋରାପୁଟ,୧୭/୪(ଇମିସ): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଯୋଡ଼ି ହେବ ଆଉ ଦୁଇ ନୂଆ ପାଠ୍ୟକ୍ରମ। ଆସନ୍ତା ଶିକ୍ଷାବର୍ଷରୁ କୃଷି ବିଜ୍ଞାନ ଓ ଜଙ୍ଗଲ ପରିଚାଳନା ପାଠ୍ୟକ୍ରମ ଆରମ୍ଭ ନେଇ ଯୋଜନା ହୋଇଛି। ଦୁଇ ବିଭାଗ ଖୋଲିବା ପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ, ୟୁଜିସି ପକ୍ଷରୁ ଖୁବ୍ ଶୀଘ୍ର ଅନୁମୋଦନ ମିଳିବ। ଏ ନେଇ ସମସ୍ତ ପ୍ରକ୍ରିୟା ଶେଷ ହୋଇଥିବା ସୂଚନା ଦେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ବିଧିବଦ୍ଧ

## ୧୪ ପିଜି ବିଭାଗ ନାମଲେଖା ପାଇଁ ଏପ୍ରିଲ୍ ୧୯ ଆବେଦନର ଶେଷ ତାରିଖ

ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆବଶ୍ୟକ ଭିତ୍ତିଭୂମି ନିର୍ମାଣ, ପ୍ରଫେସର ନିଯୁକ୍ତି ଓ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯିବ। ଏହି ଦୁଇ ପାଠ୍ୟକ୍ରମ ଆରମ୍ଭ ହେଲେ ବିଶ୍ୱବିଦ୍ୟାଳୟର ହେଲେ ପାଠ୍ୟକ୍ରମ ସଂଖ୍ୟା ୧୬କୁ ବୃଦ୍ଧି ପାଇବ। ଅନ୍ୟପକ୍ଷରେ ପୂର୍ବରୁ ଖୋଲିଥିବା ୧୪ ସ୍ନାତକୋତ୍ତର ବିଭାଗ ନାମଲେଖା ପାଇଁ ଏପ୍ରିଲ୍ ୧୯ ଆବେଦନର ଶେଷ ତାରିଖ ରହିଛି।

କୋରାପୁଟ କୃଷି ପ୍ରବଣ ଜିଲ୍ଲା ଭାବେ ପରିଚିତ। ବିଶ୍ୱକୁ ଧାନର ଅବଦାନ ଏହି ଜିଲ୍ଲାରୁ ଆରମ୍ଭ ହୋଇଥିଲା। ଧାନ ସହିତ ଡାଲି ଜାତୀୟ ଫସଲ, ପନିପରିବା, ଅଦା, ଆଳୁ ଏବଂ ଅନ୍ୟାନ୍ୟ କୃଷି ସାମଗ୍ରୀ ଉତ୍ପାଦନରେ କୋରାପୁଟ ଅନ୍ୟ ଜିଲ୍ଲା ତୁଳନାରେ ବେଶ୍ ଆଗରେ ରହିଛି। ସେହିପରି ଘଞ୍ଚ ଜଙ୍ଗଲ, ସବୁଜ ବନାନି କ୍ଷେତ୍ରରେ ମଧ୍ୟ ଅବିଭକ୍ତ କୋରାପୁଟର




ଭିତ୍ତିଭୂମି ବେଶ୍ ସୁଦୃଢ଼। ଜୈବ ବିବିଧତାରେ ପରିପୂର୍ଣ୍ଣ ଏହି ଜିଲ୍ଲାରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିବା ବେଳେ ଦୁଇ ନୂଆ ପାଠ୍ୟକ୍ରମ କୃଷି ବିଜ୍ଞାନ ଓ ଜଙ୍ଗଲ ପରିଚାଳନା ଆରମ୍ଭ ହେଲେ ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସହିତ ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ କ୍ଷେତ୍ର ପରିଦର୍ଶନରେ ଯାଇ ଅଧିକ ଜ୍ଞାନ ଆରୋହଣ କରିପାରିବେ।

କେନ୍ଦ୍ରୀୟ ବଶ୍ୱବିଦ୍ୟାଳୟରେ ଏବେ ପର୍ଯ୍ୟନ୍ତ ୭ଟି ପ୍ରମୁଖ ବିଭାଗ ଓ ୧୪ଟି ଉପବିଭାଗ ଖୋଲିଛି। ସ୍କୁଲ ଅଫ ଲାଙ୍ଗୁଏଜ୍ ଅଧୀନରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଇଂରାଜି ଭାଷା ଓ ସାହିତ୍ୟ, ହିନ୍ଦୀ ବିଭାଗ ଓ ସଂସ୍କୃତ ବିଭାଗ ଖୋଲିଥିବା ବେଳେ ସ୍କୁଲ ଅଫ ସୋସିଆଲ ସାଇନସ୍ ଅଧୀନରେ ଭୂତତ୍ତ୍ୱ ବିଭାଗ, ଅର୍ଥନୀତି ବିଭାଗ, ସାମାଜଶାସ୍ତ୍ର ବିଭାଗ ରହିଛି। ସେହିପରି ସ୍କୁଲ ଅଫ ଏଜୁକେଶନ ଓ ଏଜୁକେଶନ ଟେକ୍ନୋଲୋଜି ବିଭାଗ ଅଧୀନରେ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ, ଶିକ୍ଷକ ଶିକ୍ଷା ବିଭାଗ ରହିଛି। ସ୍କୁଲ୍ ଅଫ ବେସିକ୍ ସାଇନ୍ସ ଓ ଇନଫରମେସନ ସାଇନ୍ସ ଅଧୀନରେ କମ୍ପ୍ୟୁଟର ସାଇନସ୍ ଓ ଗଣିତ ବିଭାଗ ରହିଛି। ସ୍କୁଲ ଅଫ କମର୍ସ ଓ ମ୍ୟାନେଜମେଣ୍ଟ ବିଭାଗ ଅଧୀନରେ ବିଜ୍‌ନେସ ମ୍ୟାନେଜମେଣ୍ଟ ବିଭାଗ ରହିଥିବାବେଳେ ସ୍କୁଲ ଅଫ ବାୟୋଡାଇଭରସିଟି ଏବଂ କନଭରଭେସନ ଅଫ ନେଚୁରାଲ ରିସୋର୍ସ ଅଧୀନରେ ବାୟୋଡାଇଭରସିଟି ଏବଂ କନଭରଭେସନ ଅଫ ନେଚୁରାଲ ରିସୋର୍ସ ବିଭାଗର ପାଠ୍ୟକ୍ରମ ରହିଛି। ସେହିପରି ସ୍କୁଲ ଅଫ ଆପ୍ଲାଇଡ୍ ସାଇନ୍ସ ଅଧୀନରେ ଷ୍ଟାଟିଷ୍ଟିକ୍ ବିଭାଗ ରହିଛି।

ସାରା ଦେଶରେ ଏକକ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା (ସିୟୁଇଟି-୨୦୨୩)ପାଇଁ ଆବେଦନ ଚାଲିଛି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୪ ସ୍ନାତକୋତ୍ତର ବିଭାଗରେ ନାମଲେଖା ପାଇଁ ଇଚ୍ଛୁକ ଥିବା ଛାତ୍ରଛାତ୍ରୀ ଏପ୍ରିଲ୍ ୧୯ ରାତି ୧୧ଟା ୫୦ ସୁଦ୍ଧା ଆବେଦନ ଟଙ୍କା ପୈଠ କରିବାକୁ କୁହାଯାଇଛି। ବିଶ୍ୱବିଦ୍ୟାଳୟ ୱେବସାଇଟ୍ https://cuet.nic.in ମାଧ୍ୟମରେ ଆବେଦନ କରିପାରିବେ। ୨୦ରୁ ୨୩ ମଧ୍ୟରେ ଆବେଦନ ଫର୍ମ ସଂଶୋଧନ କରିବାକୁ ସୁଯୋଗ ଦିଆଯିବ। ପ୍ରବେଶିକା ପରୀକ୍ଷା ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଅନୁଷ୍ଠିତ ହେବ।